ଧରିତ୍ରୀ DHARITRI
ରବିବାର, ୧୬ ଅକ୍ଟୋବର, ୨୦୨୨



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନ ଉପଲକ୍ଷେ ରକ୍ତଦାନ ଶିବିର। ସ୍ଥାନ–ଖଲାସି ସାହି କମ୍ୟୁନିଟି ହଲ। ସମୟ–ପୂର୍ବାହ୍ନ ୯ଟା।
- ଗଞ୍ଜାମ କବିତା ଘର ଅଷ୍ଟମ ସାହିତ୍ୟ ଉତ୍ସବ, ବ୍ରହ୍ମପୁର ବଡ ମେଡିକାଲ ଚକ୍ଷୁ ବିଜ୍ଞାନ ବିଭାଗ ସଭାଗୃହ, ସମୟ–ସକାଳ ୯ଟା।

**ପୋଲସରା**

- ରକ୍ତଦାନ ଶିବିର। ସ୍ଥାନ–ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ–ପୂର୍ବାହ୍ନ ୧୦ଟା

**ଖଲ୍ଲିକୋଟ**

- ସ୍ମରଣିକା 'ସ୍ମୃତିସୁଧା'ର ଲୋକାର୍ପଣ ଓ କବିତା ପାଠୋତ୍ସବ। ସ୍ଥାନ–ସରକାରୀ ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ସମୟ–ମଧ୍ୟାହ୍ନ ୧୨ଟା।

**ଛତ୍ରପୁର**

- ମା' ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ। ସ୍ଥାନ – ମା' ରାମଚଣ୍ଡୀ ମନ୍ଦିର, ସମୟ– ଅପରାହ୍ନ ୨ଟା।
- ଜିଲାସ୍ତରୀୟ ଇଣ୍ଟର ଫୁଟବଲ ଟୁର୍ଣ୍ଣାମେଣ୍ଟ। ସ୍ଥାନ– ଛତ୍ରପୁର ଅନ୍‌ସ୍ଲୋ ହାଇସ୍କୁଲ ପଡିଆ, ସମୟ –୧୧.୩୦।

**ଜି.ଉଦୟଗିରି**

- ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର। ସ୍ଥାନ– ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ–ପୂର୍ବାହ୍ନ ୯ ଟା।

**ଆସିକା**

- ଜନସମ୍ପର୍କର ପଦଯାତ୍ରା। ସ୍ଥାନ–କମାଗଡ, ବେଣାପାଟ ପଞ୍ଚାୟତ, ସମୟ – ପୂର୍ବାହ୍ନ୧୦ଟା।

**ଫୁଲବାଣୀ**

- ଅଖଣ୍ଡ ଶାନ୍ତି ଜ୍ଞାନଯଜ୍ଞ ଶିବିର। ସ୍ଥାନ–ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ । ସମୟ– ସନ୍ଧ୍ୟା ସାଢ଼େ ୬ରୁ ସାଢ଼େ ୮ଟା।
- ବିଜେଡିର ରକ୍ତ ଦାନ ଶିବିର। ସ୍ଥାନ–ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାର, ସମୟ – ପୂର୍ବାହ୍ନ ୧୦ଟା।

### ବୋହୂଙ୍କୁ ଧମକ ମାମଲା

## ପ୍ରମାଣ ଅଭାବରୁ ଶ୍ୱଶୁର, କକା ଶ୍ୱଶୁର ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୫।୧୦: ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି) ଏସ୍.କେ. ମହାନ୍ତି ସାକ୍ଷୀ ନ ଦେବାକୁ ବୋହୂଙ୍କୁ ଧମକ ଦେଇଥିବା ମାମଲାର ଶନିବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଉକ୍ତ ମାମଲାର ଅଭିଯୁକ୍ତ ଥିବା ଅଭିଯୋଗକାରୀଙ୍କ ଶ୍ୱଶୁର ହରି ପଣ୍ଡା ଓ କକା ଶ୍ୱଶୁର ଭଗବାନ ପଣ୍ଡାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏ ନେଇ ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କମାପଲିରେ ନିଜ ବାପାଙ୍କ ଘରେ ରହୁଥିବା ଜଣେ ମହିଳା ରୁଚି ଓରଫ ଗୁପ୍ତେଶ୍ୱରୀ ପାତ୍ର ତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିବା ନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ୨୦୧୮ ଡିସେମ୍ବର ୬ରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବେଲଗାଁର ହରି ପଣ୍ଡା ବ୍ରହ୍ମପୁର କମାପଲିରେ ରହୁଥିବା ତାଙ୍କ ବୋହୂ ଗୁପ୍ତେଶ୍ୱରୀ ପାତ୍ରଙ୍କ ଘରକୁ ଯାଇଥିଲେ। ସାଥିରେ ତାଙ୍କ ଭାଇ ଭଗବାନ ପଣ୍ଡା ମଧ ସେଠାକୁ ଯାଇଥିଲେ। ସେଠାରେ ଗୁପ୍ତେଶ୍ୱରୀଙ୍କୁ ଉକ୍ତ ମାମଲାରେ ସାକ୍ଷୀ ନ ଦେବାକୁ ସେମାନେ ଧମକଚମକ ଦେଇ ବୋହୂଙ୍କୁ ସେଠାରେ ଦୁର୍ବ୍ୟବହାର କରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.ରେ ୨୬୪/୧୮ରେ ହରି ଓ ଭଗବାନଙ୍କ ନାମରେ ମାମଲା ରୁଜୁ କରିଥିଲା। ଜେଏମ୍‌ଏଫ୍‌ସି କୋର୍ଟରେ ଏହି ମାମଲାର ବିଚାର ବେଳେ ହରି ଓ ଭଗବାନଙ୍କୁ ହାଜର କରାଯାଇଥିଲା। ୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ମାଜିଷ୍ଟ୍ରେଟ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

## ବିଡିଏ ଅଧ୍ୟକ୍ଷ ହେଲେ ଗଞ୍ଜାମ ଜିଲାପାଳ

**ଛତ୍ରପୁର,୧୫।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ ) ଅଧ୍ୟକ୍ଷ ହୋଇଛନ୍ତି। ଏନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ ଏହି ନିଯୁକ୍ତି ନେଇ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଡିଏ ଅଧୀନରେ ବ୍ରହ୍ମପୁର ମହାନଗର ନିଗମ, ଛତ୍ରପୁର ଓ ଗୋପାଳପୁର ଏନ୍‌ଏସି ଅଞ୍ଚଳ ରହିଛି । କିଛି ବର୍ଷ ହେଲା ଗଞ୍ଜାମ ଜିଲ୍ଲାପାଳ ହିଁ ବିଡିଏ ଅଧ୍ୟକ୍ଷ ହୋଇ ଆସୁଛନ୍ତି ।

# ଜିଦ୍‌ରେ ଅଟଳ ଗୌଡ଼ବନ୍ଧ ବସ୍ତିବାସିନ୍ଦା

ବ୍ରହ୍ମପୁର ଅଫିସ,୧୫।୧୦



ପଲିଥିନ୍ ତଳେ ଲୋକେ ଆଶ୍ରୟ ନେଇଛନ୍ତି ।

ବ୍ରହ୍ମପୁର ମହାନଗର ନିଗମ ୩୭ ନଂ.ୱାର୍ଡ ଅନ୍ତର୍ଗତ ଗୌଡବନ୍ଧ ବସ୍ତି ବାସିନ୍ଦା ବୁଧବାରଠାରୁ ଉଚ୍ଛେଦ ପରେ ସେମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବସ୍ତି ବାସିନ୍ଦା ବର୍ତ୍ତମାନ ରହୁଥିବା ସ୍ଥାନରେ ଘର ଦେବା ପାଇଁ ଦାବି କରିଛନ୍ତି। ଏପରିକି ଉକ୍ତ ଦାବିକୁ ନେଇ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୩ ତାରିଖରେ ଧାରଣା ଓ ପ୍ରତିବାଦ କରିଥିଲେ। କିନ୍ତୁ ବିଏମ୍‌ସି ପକ୍ଷରୁ ଗୌଡବନ୍ଧ ବସ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିୟମ(ଏନ୍‌ଜିଟି) ବଳରେ ଭଙ୍ଗାଯାଇଥିବା ସ୍ପଷ୍ଟୀକରଣ ଦେଇଛନ୍ତି। ବସ୍ତିରେ ରହୁଥିବା ୧୦୯ ପରିବାରଙ୍କୁ ନେହେରୁନଗର ଓ ଆଇନା ବନ୍ଧ ସାହି ସ୍ଥିତ ରାଜୀବ ଆବାସ ଯୋଜନା ଆପାର୍ଟମେଣ୍ଟରେ ସେମାନଙ୍କ ନାମରେ ଆବଣ୍ଟନ ପତ୍ର ମଧ୍ୟ ହୋଇଛି। ଏଣୁ ବସ୍ତି ବାସିନ୍ଦାମାନେ ଆବଣ୍ଟନ ପତ୍ର ବିଏମ୍‌ସି କାର୍ଯ୍ୟାଳୟରୁ ଗ୍ରହଣ କରି ରାଜୀବ ଆବାସ ଆପାର୍ଟମେଣ୍ଟକୁ ସ୍ଥାନାନ୍ତର ପାଇଁ ଅନୁରୋଧ କରାଯାଇଛି। କିନ୍ତୁ ବସ୍ତି ବାସିନ୍ଦା ନିଜ ଜିଦ୍‌ରେ ଅଟଳ ରହିବା ସହ ଭଙ୍ଗା ଦଦରା ଘରେ ପଲିଥିନ୍ ଟାଣି ଜୀବନ ଅତିବାହିତ କରୁଛନ୍ତି।

### ସମାଧାନର ବାଟ ଖୋଜୁଛି ବିଏମ୍‌ସି

ଆଜକୁ ୪ ଦିନ ହେଲା ଏଭଳି ଖୋଲା ଆକାଶ ତଳେ ନିଜ ପରିବାର ସହ ଛୋଟ ଶିଶୁଙ୍କୁ ଧରି ରହୁଛନ୍ତି। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାର ସନ୍ଧ୍ୟାରେ ବିଏମ୍‌ସି ଅତିରିକ୍ତ କମିଶନର ନୀଳମାଧବ ଭୋଇ, ଡେପୁଟି କମିଶନର ଆଶୀର୍ବାଦ ପରିଡା, ନୋଡାଲ ଗୋଷ୍ଠୀ ସଂଯୋଜିକା ଗୀତାଞ୍ଜଳି ସାମନ୍ତରାୟ ଓ ସ୍ମିତା ଦାଶ ଘଟଣାସ୍ଥଳକୁ ଯାଇ ବସ୍ତି ବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ। ବସ୍ତି ବାସିନ୍ଦାଙ୍କୁ ରାଜୀବ ଆବାସ ଆପାର୍ଟମେଣ୍ଟକୁ ଯିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ ଜିଦରେ ଅଟଳ ରହିବା ସହ ବସ୍ତିରେ ହିଁ ଘର ପ୍ରଦାନ ପାଇଁ ଦାବି କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଶନିବାର ପୂର୍ବାହ୍ନରେ ଗୋଷାଣୀନୂଆଗାଁ ଥାନାରେ ମଧ୍ୟ ବସ୍ତି ବାସିନ୍ଦାଙ୍କୁ ଡକାଯାଇ ବିଏମ୍‌ସି କର୍ତ୍ତୃପକ୍ଷ ବୁଝାଶୁଝା କରିଥିଲେ। ତଥାପି ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନର ବାଟ ଫିଟି ନାହିଁ।

ଅନ୍ୟପଟେ ବସ୍ତି ବାସିନ୍ଦାଙ୍କ କହିବା ମୁତାବକ, ରାଜୀବ ଆବାସ ଆପାର୍ଟମେଣ୍ଟରେ ପ୍ରଦାନ କରାଯାଇଥିବା ଗୃହଗୁଡିକ ଛୋଟ ରହିଛି। ଯେଉଁଠାରେ ଏକ ବଡ ପରିବାର ବସବାସ କରିବା ସମ୍ଭବପର ନୁହେଁ ବୋଲି ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ନୋଡାଲ ଗୋଷ୍ଠୀ ସଂଯୋଜିକା ସ୍ମିତା ଦାଶଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି, ଲୋକଙ୍କୁ ବୁଝାଶୁଝା ପ୍ରକ୍ରିୟା ଜାରି ରହିଛି। ଖୁବ ଶୀଘ୍ର ସେମାନେ ରାଜୀବ ଆବାସ ଆପାର୍ଟମେଣ୍ଟକୁ ସ୍ଥାନାନ୍ତର ହେବେ ।

## ଆସ୍କାରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟରେ ହାତଧୁଆ ଦିବସ





ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହାତଧୁଆ ଦିବସ ପାଳନ କରାଯାଉଛି।

ବ୍ରହ୍ମପୁର ଅଫିସ,୧୫।୧୦

ଆସ୍କା ରୋଡ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ଭୂତାଣୁ ଜନିତ ରୋଗ କବଳରୁ ରକ୍ଷା ପାଇବା ଲାଗି ଭଲ ଭାବେ ହାତଧୋଇବା ନିହାତି ଆବଶ୍ୟକ। ଏଥି ନିମନ୍ତେ ପ୍ରତିବର୍ଷ ଅକ୍ଟୋବର ୧୫କୁ ବିଶ୍ୱହାତଧୁଆ ଦିବସ ଭାବେ ପାଳନ କରାଯାଇଥାଏ। ଶନିବାର ରେଶମ ସହରର ବହୁ ଅଙ୍ଗନୱାଡ଼ି କେନ୍ଦ୍ର, ବିଭିନ୍ନ ଘରୋଇ ଓ ସରକାରୀ ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଛି। ଆସ୍କାରୋଡ଼ସ୍ଥିତ ସକରାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ମୀନତି ତ୍ରିପାଠୀ ଏହି ଅବସରରେ ଛାତ୍ରୀଙ୍କୁ ହାତଧୁଆ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ହଇଜା,କରୋନା ଭଳି ଭୂତାଣୁ ବାହକ ରୋଗରୁ ଦୂରେଇ ରହିବା ନିମନ୍ତେ ଠିକ୍ ଭାବେ ସାବୁନରେ ହାତଧୋଇବା ନିମନ୍ତେ ପରାମର୍ଶ ଦେଇଥିଲେ। ସେହିପରି ୱାର୍ଡ଼ ନମ୍ବର ୩୨ ଅନ୍ତର୍ଗତ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରାଇମେରୀ ସ୍କୁଲ ପକ୍ଷରୁ ହାତଧୁଆ ଦିବସ ପାଳିତ ହୋଇଥିଲା। ଏହି ଅବସରରେ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି ଓ ପ୍ରାଇମେରୀ ଛାତ୍ରୀଛାତ୍ରଙ୍କୁ ସାବୁନ, ବିଭିନ୍ନ ପ୍ରକାର ହ୍ୟାଣ୍ଡୱାସର ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା।

## ମହିଳାଙ୍କୁ ବଳାତ୍କାର ଘଟଣା ବିଚାରପତିଙ୍କ ନିକଟରେ ବୟାନ ରେକର୍ଡ

ଜି.ଉଦୟଗିରି ୧୫।୧୦

ଶିକ୍ଷିତ ଭିନ୍ନକ୍ଷମ ମହିଳାଙ୍କୁ ବଳାତ୍କାର ଘଟଣାରେ ପୀଡ଼ିତାଙ୍କ ସ୍ୱାମୀଙ୍କ ଏତଲାକୁ ଆଧାରକରି ତଦନ୍ତକାରୀ ଅଧିକାରୀ ଆଇଆଇସି ଅଜୟ କୁମାର ସ୍ୱାଇଁ ନଂ.୧୩୯/୨୨ ମାମଲା ରୁଜୁ କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପତିତପାବନ ପଣ୍ଡାଙ୍କ ନିକଟରେ ଶନିବାର ୧୬୪ ଧାରାରେ ପୀଡିତାଙ୍କ ବୟାନ ରେକର୍ଡ଼ କରାଯାଇଥିବା ଜଣାପଡ଼ିଛି। ତେବେ ପୀଡ଼ିତାଙ୍କ ସ୍ୱାମୀ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ନେଇ ତଦନ୍ତକାରୀ ଅଧିକାରୀ ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶଯେ, ପୀଡ଼ିତା ଫୁଲବାଣୀ ଅଞ୍ଚଳର ହୋଇଥିବା ବେଳେ ଶଙ୍କରାଖୋଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ରାତିରେ ଫେରୁଥିଲେ। କଳିଙ୍ଗା ଘାଟି ମଝିରେ କେହି ଦୁର୍ବୃତ୍ତ ତାଙ୍କୁ ବଳାତ୍କାର କରିବା ସହ ଦୁର୍ଗାପ୍ରସାଦ ବେଡିଗୁବାସ୍ଥିତ ଏକ ମନ୍ଦିର ପାଖରେ ଫୋପାଡି ଦେଇଥିଲେ। ଏହା କିଛି ଲୋକେ ଦେଖିବା ପରେ ଆମ୍ବୁଲାନ୍ସକୁ ଖବର କରିଥିଲେ। ପୀଡ଼ିତାଙ୍କୁ ପ୍ରଥମେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀ ପଠାଯାଇଥିବା ନେଇ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି।

## ଅଭିଯୁକ୍ତ କୋର୍ଟ ଚାଲାଣ, ଛୁରି ଜବତ

ବ୍ରହ୍ମପୁର ଅଫିସ,୧୫।୧୦

### ଯୁବକଙ୍କୁ ଘାତକ ଆକ୍ରମଣ ମାମଲା



ଗିରଫ ଅଭିଯୁକ୍ତ

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶଗଡ଼ିଆ ମାର୍ଥାସାହିରେ ଗତ ୧୧ ତାରିଖରେ ଜଣେ ଯୁବକଙ୍କୁ ଧାର ଟଙ୍କା ନେବା ପାଇଁ ଘରକୁ ଡାକି ଘାତକ ଆକ୍ରମଣ ହୋଇଥିଲା। ପୋଲିସ ଉକ୍ତ ମାମଲାର ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଶଗଡ଼ିଆ ମାର୍ଥା ସାହିର ସତ୍ୟନାରାୟଣ ଭୂୟାଁ ଓରଫ ଯଦୁ (୩୬)। ଅଭିଯୁକ୍ତ ଜଣଙ୍କ ବର୍ତ୍ତମାନ ଲକ୍ଷ୍ମୀ ନୃସିଂହ ସାହିରେ ରହୁଛନ୍ତି। ପୋଲିସ ଅଭିଯୁକ୍ତଙ୍କଠାରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ରକ୍ତଭିଜା ଛୁରି ଜବତ କରିଛି। ଅଭିଯୁକ୍ତ ସତ୍ୟନାରାୟଣଙ୍କ ନାମରେ ବଡବଜାର ଥାନାରେ ଏକାଧିକ ସଙ୍ଗିନ ମାମଲା ରହିଛି। ଶନିବାର ମାମଲା ନମ୍ବର ୨୬୭/୨୨ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସୁକାନ୍ତି ବେହେରା ଏକ ପ୍ଲଟ ତାଙ୍କ ପୁଅ ମେଘରାଜଙ୍କ ନାମରେ କ୍ରୟ କରିବା ପାଇଁ ସତ୍ୟନାରାୟଣ ଓ ତାଙ୍କ ଶ୍ୱାଇଁ ଶ୍ରୀନୁ ରେଡ୍ଡୀଙ୍କୁ ୭ଲକ୍ଷ ଟଙ୍କା ଦେଇଥିଲେ। ନିର୍ଦ୍ଧାରିତ ସମୟରେ ସୁକାନ୍ତିଙ୍କୁ ସତ୍ୟନାରାୟଣ ଓ ଶ୍ରୀନୁ ପ୍ଲଟ ଦେଇପାରି ନ ଥିଲେ। ଶେଷରେ ଉକ୍ତ ୭ଲକ୍ଷ ଟଙ୍କା ଫେରସ୍ତ କରିବାକୁ ଶ୍ରୀନୁଙ୍କୁ ସୁକାନ୍ତି ବାରମ୍ବାର କହିଥିଲେ। ଗତ ୧୧ ତାରିଖରେ ସତ୍ୟନାରାୟଣ ଓ ଶ୍ରୀନୁ ଉଭୟେ ମେଘରାଜଙ୍କୁ ଟଙ୍କା ନେବା ପାଇଁ ତାଙ୍କ ଘରକୁ ଡାକିଥିଲେ। ମେଘରାଜ ସେଠାରେ ପହଞ୍ଚିବା ପରେ ସତ୍ୟନାରାୟଣ ଓ ଶ୍ରୀନୁ ତାଙ୍କ ପକେଟରେ ଥିବା ୪୮ହଜାର ଟଙ୍କା ଓ ୨୦ ଗ୍ରାମର ସୁନା ବଳପୂର୍ବକ ଲୁଟି ନେଇଥିଲେ। ପରେ ଶ୍ରୀନୁଙ୍କ ଉପସ୍ଥିତିରେ ସତ୍ୟନାରାୟଣ ଏକ ଧାରୁଆ ଛୁରିରେ ମେଘରାଜଙ୍କ ପେଟକୁ ବାରମ୍ବାର ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମେଘରାଜ ରାସ୍ତା ଉପରେ ପଡ଼ିଥିଲେ। ପରିବାର ଲୋକେ ପହଞ୍ଚି ମେଘରାଜଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସୁକାନ୍ତି ବେହେରା ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ସତ୍ୟନାରାୟଣଙ୍କୁ ଗିରଫ କରିଛି। ଉକ୍ତ ଘଟଣାର ତଦନ୍ତ ଏବେ ବି ଜାରି ରହିଛି ବୋଲି ପୋଲିସ କହିଛି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଦାରିଙ୍ଗବାଡି,୧୫।୧୦(ଡି.ଏନ.ଏ.)

ଦାରିଙ୍ଗବାଡି ଥାନା ଅମ୍ବାଖାଲିଆ ଘାଟିରେ ବାଇକ୍ ଦୁର୍ଘଟଣାରେ ଶନିବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଥାନା ଶ୍ରୀନିକେତା ପଞ୍ଚାୟତ ଅଞ୍ଚଳର କପିଳ ପ୍ରଧାନ। ତାଙ୍କୁ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସହ ସୁଲୁମାହା ଗ୍ରାମର ସନ୍ତୋଷ କୁମାର ଦିଗାଲ ଅଟୋରେ ସେହିବାଟ ଦେଇ ଆସୁଥିବା ବେଳେ ଉଦ୍ଧାର କରି ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। କପିଳ ଉକ୍ତ ଘାଟି ରାସ୍ତାରେ ବାଇକ( ଓଡି ୧୨ଡି୩୩୮୧ )ସହ ଅଚେତ ଅବସ୍ଥାରେ ପଡିରହିଥିଲେ ସେ କିଭଳି ଦୁର୍ଘଟଣାର ଶିକାର ହେଲେ ନା ତାଙ୍କୁ କୌଣସି ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଛି ତାହା ଜଣାପଡିନଥିବା ପୋଲିସ କହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସନ୍ତୋଷିନୀ



@ ଶିବାନୀ



@ ମାମା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସିଟିଜେନ୍ ଭଏସ୍ ହ୍ରାସରୁ କମିଛି ସ୍ୱଚ୍ଛ ସର୍ବେକ୍ଷଣ ର୍‍ୟାଙ୍କ

ବ୍ରହ୍ମପୁର ଅଫିସ,୧୫।୧୦

### ବ୍ରହ୍ମପୁରବାସୀ ଦେଇଛନ୍ତି ମାତ୍ର ୧୩୨୯ ଭୋଟ

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣ ଦୌଡରେ ନୈରାଶ୍ୟ ଜନକ ଭାବେ ଜାତୀୟସ୍ତରରେ ୯୦ ଓ ରାଜ୍ୟସ୍ତରରେ ୪ ନମ୍ବର ର୍‍ୟାଙ୍କରେ ରହିଛି। ଯାହାକୁ ନେଇ ନିଗମର ସାନିଟେଶନ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ୭ ଦିନ ମଧ୍ୟରେ ର୍‍ୟାଙ୍କ ହ୍ରାସ ନେଇ ରିପୋର୍ଟ ଦାଖଲ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସାନିଟେଶନ ବିଭାଗ ପକ୍ଷରୁ ସିଟିଜେନ ଭଏସ୍ ଲାଗି ପ୍ରତିବର୍ଷ ସହରର ସ୍ୱଚ୍ଛତାକୁ ନେଇ ଭୋଟିଂ କରାଯାଇଥାଏ। ଚଳିତ ବର୍ଷ ସାନିଟେଶନ ବିଭାଗ ସ୍ୱଚ୍ଛ ସର୍ବେକ୍ଷଣ କ୍ଷେତ୍ରରେ ସିଟିଜେନ ଭଏସ୍‌ରେ ମାତ୍ର ୧୩୨୯ ଭୋଟ ଦିଆଯାଇ ଥିବାରୁ ର୍‍ୟାଙ୍କ କମିଥିବା ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ସାନିଟେଶନ ବିଭାଗ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ କ୍ଷେତ୍ରରେ ବିଏମ୍‌ସିକୁ ୧ ନଂ. କରିବା ଲକ୍ଷ୍ୟରେ ସ୍ୱଚ୍ଛତା ଆପ୍ ମାଧ୍ୟମରେ ଭୋଟ ଦେବା ପ୍ରକ୍ରିୟା କରାଯାଇଥିଲା। କିନ୍ତୁ ଏହି ଭୋଟିଂ ପ୍ରକ୍ରିୟାରେ ସହରବାସୀଙ୍କ ପକ୍ଷରୁ ସେଭଳି ସନ୍ତୋଷଜନକ ମତ ମିଳି ପାରିନାହିଁ। ଫଳରେ ସ୍ୱଚ୍ଛ ସର୍ବେକ୍ଷଣ ଦୌଡରେ ଚଳିତ ବର୍ଷ ବିଏମ୍‌ସି ନୈରାଶ୍ୟ ଜନକ ର୍‍ୟାଙ୍କ ହାସଲ କରିଥିବା ଜଣାପଡିଛି। ଅନ୍ୟପଟେ ଗତ କିଛି ଦିନ ତଳେ ବିଏମ୍‌ସି ସମ୍ମିଳନୀ କକ୍ଷରେ ସହରର ସ୍ୱଚ୍ଛତା ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜିଲାପାଳ ସ୍ୱଚ୍ଛ ସର୍ବେକ୍ଷଣ କ୍ଷେତ୍ରରେ ବିଏମ୍‌ସି କେଉଁ କାରଣରୁ କମ୍ ର୍‍ୟାଙ୍କରେ ରହିଲା ସେ ନେଇ ଏକ ରିପୋର୍ଟ ୭ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

କୋଟଗଡ, ୧୫।୧୦(ଡି.ଏନ.ଏ.)



ବିଧାୟକ ଆମ୍ବୁଲାନ୍ସ ସେବାକୁ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ବିଜେଡି ସଭାପତି ତଥା ଏମ୍‌ପି ପ୍ରତିନିଧି ଟୁନା ଦାସ ଦୁର୍ଗମ ଅଞ୍ଚଳର ରୋଗୀଙ୍କ ପାଇଁ ଏକ ଆମ୍ବୁଲାନ୍ସ ଦାନ କରିଛନ୍ତି। ଏହାକୁ ବାଲିଗୁଡା ମେଡିକାଲ ପରିସରରେ ବିଧାୟକ ଚକ୍ରମଣି କହଁର ଶନିବାର ଶୁଭାରମ୍ଭ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର ସୁରୁ,ଉପଜିଲାପାଳ ଦୁଃଖବନ୍ଧୁ ନାୟକ,ଏସ୍‌ଡିପିଓ ଜିଆର ରାଘବେନ୍ଦ୍ରା ଗୁଣ୍ଡାଲା,ଆଇଆଇସି ବାବା ଶଙ୍କର ସରାଫ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ,ବ୍ଲକ ଉପାଧ୍ୟକ୍ଷା ନିକୋଜିନି ମଲିକ, ଶାନ୍ତିମୈତ୍ରୀ ସମ୍ପାଦକ ଭଗବାନ ଜେନାଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଏହି ନିଶୁଳ୍କ ଆମ୍ବୁଲାନ୍ସ ସେବା ଦ୍ୱାରା ଗରିବ,ନିରାଶ୍ରୟ ରୋଗୀମାନେ ଉପକୃତ ହୋଇପାରିବେ ଏଥିପାଇଁ ବାଲିଗୁଡା ଜନସାଧାରଣ ଟୁନାଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସମବାୟ ନିର୍ବାଚନରେ ବିଜେଡିର ବିଦ୍ରୋହୀ ପ୍ରତିଦ୍ୱନ୍ଦ୍ୱୀ

ବ୍ରହ୍ମପୁର ଅଫିସ,୧୫।୧୦

- ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ପଦ ଉପରେ ଅଧିକ ନଜର
- ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ଭବ ନୁହେଁ

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ବିଜେଡିକୁ ସମସ୍ୟା ହୋଇଛି। ଦଳୀୟ ଚିହ୍ନରେ ହେଉନଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କ ବିରୋଧରେ ବିଦ୍ରୋହୀଙ୍କ ସଂଖ୍ୟା ଲମ୍ବିଛି। ୧୫ ଜୋନରୁ ୫ଟିରେ ଅପ୍ରତିଦ୍ୱନ୍ଦ୍ୱୀ ନିର୍ବାଚିତ ହେବାର ସ୍ପଷ୍ଟ ହୋଇଥିବା ବେଳେ ଅବିଶିଷ୍ଟ ୧୦ ଜୋନ୍‌ରେ ୨୫ ପ୍ରତିଦ୍ୱନ୍ଦ୍ୱି ଅଛନ୍ତି। ଦଳ ମନୋନୀତ ୧୦ ଜଣଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ୧୫ ବିଦ୍ରୋହୀ। ସମସ୍ତେ ବିଜେଡି ସମର୍ଥକ ହୋଇଥିବାରୁ ବିଦ୍ରୋହୀଙ୍କୁ କ'ଣ କାର୍ଯ୍ୟାନୁଷ୍ଠାନ କରାଯିବ ସେନେଇ ଜିଲା ସଭାପତି ଦ୍ୱନ୍ଦରେ ପଡ଼ିଛନ୍ତି। ଯିଏ ଜିତିବ ସେ ଆମ ଦଳର ବୋଲି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଧରିତ୍ରୀକୁ ପ୍ରତିକ୍ରିୟାରେ କହିଛନ୍ତି।

ପୁରୁଖା ସମବାୟବିତ୍‌ଙ୍କ ମତରେ ନିର୍ବାଚନୀ ମଇଦାନରେ ଥିବା ୨୫ ପ୍ରାର୍ଥୀ ଯଦି ବିଜେଡି ସମର୍ଥକ ତେବେ ସେମାନେ ନିଜର ଦମ୍ ଦେଖାଇବାକୁ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅପରପକ୍ଷରେ ଦଳ ବିଧିବଦ୍ଧ ଭାବେ ମନୋନୀତଙ୍କ ନାମ ତାଲିକା ଘୋଷଣା କରି ନ ଥିବାରୁ ସମସ୍ତେ ସ୍ୱାଧୀନ ହୋଇଛନ୍ତି। ଏଭଳି ସ୍ଥିତିରେ କାହାକୁ ବିଦ୍ରୋହୀ କୁହାଯିବ ବୋଲି ପ୍ରଶ୍ନ କରିଛନ୍ତି। ଏହି କାରଣରୁ ବିଜେଡି ଶୃଙ୍ଖଳା ଭଙ୍ଗ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନେଇନପାରିବାର ସମବାୟବିତ୍ ମତ ରଖିଛନ୍ତି।

କେବଳ ବିସିସି ବ୍ୟାଙ୍କ ନୁହେଁ ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସଂସ୍ଥା (ବିଆରଏମ୍‌ସିଏସ୍) ଏବଂ ଗଞ୍ଜାମ ଜିଲା ସମବାୟ ୟୁନିୟନ ନିର୍ବାଚନରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। ତେବେ ବିସିସିବି ଉପରେ ଅଧିକାଂଶଙ୍କ ଭିନ୍ନ ନଜର ପଡ଼ିଛି। ଏହି ବ୍ୟାଙ୍କରେ ବହୁ କୋଟି ଟଙ୍କାର କାରବାର ଏବଂ ପର୍ଯ୍ୟାପ୍ତ ପରିମାଣର କୃଷି ଋଣ ଚାଷୀଙ୍କୁ ଦିଆଯାଉଥିବାରୁ ଏହାର ସର୍ବାଧିକ ଗୁରୁତ୍ୱ ରହିଛି। ନିର୍ଦ୍ଦେଶକ ଭାବେ ନିର୍ବାଚିତ ହେବା ପରେ ସଭାପତି ଆଶା ବଢ଼ି ଯାଇଛି। ତେବେ ବ୍ୟାଙ୍କ ପରିଚାଳନା ବୋର୍ଡ ସଭାପତି କାହାକୁ କରାଯିବ ତାହା ତୃତୀୟ ମହଲା ସ୍ଥିର କରିବାର ବିଗତ ନିର୍ବାଚନ ଗୁଡ଼ିକରୁ ନଜିର ଅଛି। ଅନ୍ୟପକ୍ଷରେ ସହମତି ଭିତ୍ତିରେ ପ୍ରାର୍ଥୀ ମନୋନୀତ କରିବାରେ ବିଜେଡି ଜିଲା ସଂଗଠନ ବିଫଳ ହୋଇଥିବା କର୍ମୀ ମହଲରେ ସମାଲୋଚନା ହେଉଛି।

## ମୂକ ବଧିର ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଆସିକା,(ଡି.ଏନ.ଏ)- ଆସିକା ଥାନା ଇଲାକାରେ ଜଣେ ମୂକ ବଧିର ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୁଶାନ୍ତ ନାହାକ । ପୋଲିସ ପିଡିତା ଓ ଅଭିଯୁକ୍ତଙ୍କୁ ଆସିକା ସବଡିଭିଜିନାଲ ଡାକ୍ତରଖାନାରେ ଡାକ୍ତରୀମାଇନା କରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୬୯୪/୨୨ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ୯ତାରିଖ କୁମାର ପୂର୍ଣ୍ଣିମାରେ ଯୁବତୀ ଜଣକ ଗ୍ରାମ ପୋଖରୀକୁ ସ୍ନାନ ଶୌଚ ଲାଗି ଯାଇଥିଲା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଟାଣି ନେଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି ।

**ସଂକ୍ଷେପରେ**

### ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

ନୂଆଗଡ଼,୧୫।୧୦:ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭା ଗୃହଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଣ ସମ୍ପର୍କରେ ଦିନିକିଆ ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିର ମିଶନ ଶକ୍ତି ଏବଂ ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମିଶନ ଶକ୍ତି ଜିଲର ପ୍ରକଳ୍ପ ସଂଯୋଜକ ରଶ୍ମି ରଂଜନ ସେଠୀ ଏବଂ ଜିଲା ଶିକ୍ଷକେନ୍ଦ୍ର ସାଧାରଣ ପରିଚାଳକ ସୋନାରମ ସିଂ, ମିଶନ ଶକ୍ତି ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ମନୋଜ ପାଣି, ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ସତ୍ୟବାଦୀ ପାଇକ, ମଧ୍ୟାହ୍ନ ଭୋଜନ ସହାୟକ ତଥା ତଥ୍ୟ ପ୍ରବେଶିକା ଚାଳକ ପ୍ରାଣରଞ୍ଜନ ଲିମ୍ମା, ସାଧନ କର୍ମୀ ତଥା ଶିକ୍ଷକ ବସନ୍ତ କୁମାର ସିଂ ଉପସ୍ଥିତ ରହି ମଧ୍ୟାହ୍ନ ଭୋଜନର ଦାୟିତ୍ୱ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ୨୫ ବିଦ୍ୟାଳୟ ଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଧ୍ୟାହ୍ନ ଭୋଜନ ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏହାକୁ ମିଶନ ଶକ୍ତି ସହକାରୀ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ସନ୍ତୋଷ ଭୂୟାଁ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

### ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩: ରମ୍ଭା ଏନଏସିର କ୍ରାଫ୍ଟ ମେଳା

ରମ୍ଭା,୧୫।୧୦-ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ ଅନୁଯାୟୀ ରମ୍ଭା ଏନଏସିରେ ବର୍ଜ୍ୟ ବସ୍ତୁକୁ ନେଇ ରମ୍ଭା କଲ୍ୟାଣ ମଣ୍ଡପ ପରିସରରେ ଏକ କ୍ରାଫ୍ଟ ମେଳା କାର୍ଯ୍ୟକ୍ରମ ଏନଏସି ଅଧକ୍ଷା ମାନସୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ସ୍କୁଲର ଛାତ୍ରୀଛାତ୍ର ବର୍ଜ୍ୟ ବସ୍ତୁରୁ ବିଭିନ୍ନ ଉପକରଣ ସରଞ୍ଜାମ ତିଆରି କରି ମେଳାରେ ଯୋଗ ଦେଇଥିଲେ। ଏହି ମେଳାରେ ରମ୍ଭା ଲଣ୍ଡନ କିଡ଼ସ ପବ୍ଲିକ ସ୍କୁଲ ପ୍ରଥମ ସ୍ଥାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦ୍ୱିତୀୟ ସ୍ଥାନ ଓ ଛାମୁ ସାହି ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ କାଳିଆ ତରେଇ, ଜେଇ ପ୍ରମୋଦିନୀ ମହାରଣା, ସିଟି ମ୍ୟାନେଜମେଣ୍ଟ ବିକ୍ରମ କେଶରୀ ସାମଲ, ସର୍ବନାମ ଦାଶ, କାହ୍ନା ସ୍ୱାଇଁ ପ୍ରମୁଖ ନିରୀକ୍ଷଣ କରିଥିବା ବେଳେ ଦୀପକ କୁମାର ବିଷୋୟୀ, କମଳ ପାତ୍ର, ଜି ସଂଘମ ଚୌଧୁରୀ, ସୁକାନ୍ତ କୁମାର ମହାରଣା ଓ ଏନଏସିର କାର୍ଯ୍ୟରତ କର୍ମଚାରି ପରିଚାଳନାରେ ସହଯୋଗ କରିଥିଲେ।

### ଆର୍ମି ହାବିଲଦାରଙ୍କ ସନ୍ଦେହଜନକ ମୃତ୍ୟୁ

ଗୋପାଳପୁର,୧୫।୧୦(ଡି.ଏନ.ଏ.)-ଗଞ୍ଜାମ ଜିଲା ଅନ୍ତର୍ଗତ ଗୋଲାବନ୍ଧ ସ୍ଥିତ ଆର୍ମି ଏଡି କଲେଜ ପରିସରରେ ଜଣେ ହାବିଲଦାରଙ୍କ ମୃତ୍ୟୁ ଘଟିଛି। ମୃତ ହାବିଲଦାର ଜଣକ ହେଲେ ବାରିପଦା ଅଞ୍ଚଳର ଜାମିନି କାନ୍ତ ମହନ୍ତ(୩୯)। ଜାମିନି କାନ୍ତ ଗତ ୪ ବର୍ଷ ହେଲା ହାବିଲଦାର ଭାବେ କାର୍ଯ୍ୟରତ ଥିଲେ। ଗତ ଶୁକ୍ରବାର ରାତିରେ ନିଜ କାର୍ଯ୍ୟ ସାରି ସହକର୍ମୀ ସହ ଗୋଟିଏ ରୁମରେ ଖାଇ ସାରିବା ପରେ ପରିବାର ଲୋକଙ୍କ ସହ ଫୋନରେ କଥା ହୋଇ ଜାମିନି ଶୋଇପଡ଼ିଥିଲେ। ସକାଳେ ଜାମିନି ନଉଠିବା ପରେ ସହକର୍ମୀ ତାଙ୍କୁ ଉଠାଇଥିଲେ ମଧ ସେ ଉଠିନଥିଲେ। ସେଠାରେ ତାଙ୍କୁ ଆର୍ମି ମେଡିକାଲରେ ଭର୍ତ୍ତି କିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୨୩/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଗଞ୍ଜାମ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

## ଆଶ୍ରୟସ୍ଥଳୀ, ଶିକ୍ଷାନୁଷ୍ଠାନରେ ହେବ ମକ୍‌ଡ୍ରିଲ

**ଛତ୍ରପୁର,୧୫।୧୦(ଡି.ଏନ.ଏ.)**

ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ)ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ଜୁମ୍ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସେ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସୂଚନା ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଦିବସ ପାଳନ ଉପଲକ୍ଷେ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କଳା, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଇ ସେମାନଙ୍କ ମଧ୍ୟରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କ ନାମ ତାଲିକା ପ୍ରେରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେମାନଙ୍କୁ ଚଳିତ ମାସ ୨୯ ତାରିଖରେ ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କହିଥିଲେ। ୨୯ ତାରିଖ ଜିଲାସ୍ତରୀୟ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସକାଳ ୭.୩୦ମି. ସମୟରେ ସଚେତନତା ରାଲି କରାଇବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଡିଓ ନିଜନିଜ ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରିବେ। ସେହିଦିନ ବ୍ଲକଗୁଡିକରେ ଜିଲା ସଂସ୍କୃତି ବିଭାଗ ତରଫରୁ ବିପର୍ଯ୍ୟୟ ପ୍ରଶମନ ଦିବସ ଉପରେ ପଥପ୍ରାନ୍ତ ନାଟକ କରାଇବା ପାଇଁ ନିଷ୍ପତ୍ତି ନିଆଗଲା। ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳଗୁଡିକରେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକରେ ସଚେତନତା ନିମନ୍ତେ ମକ୍‌ଡ୍ରିଲ୍ କରିବା ପାଇଁ ନିଷ୍ପତ୍ତି ନିଆଗଲା । ବିପର୍ଯ୍ୟୟ ସମୟରେ ଯେଉଁମାନେ ଜୀବନକୁ ବିପନ୍ନ କରି କାର୍ଯ୍ୟ କରିଛନ୍ତି ସେମାନଙ୍କ ନାମ ତାଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ୨୦ ତାରିଖ ସୁଦ୍ଧା ପ୍ରେରଣ କଲେ ସେମାନଙ୍କୁ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବ ବୋଲି ପୃଷ୍ଟି କହିଥିଲେ। ଏଥିରେ ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ସାହୁ, ଜିଲା ଶିକ୍ଷାଧିକାରୀ ବିନୀତା କୁମାରୀ ସେନାପତି, ଜିଲା ଜରୁରିକାଳୀନ ଅଧିକାରୀ ସୁକାନ୍ତ ଚନ୍ଦ୍ର ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଜିତେନ ପରିଡା, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ସମସ୍ତ ବିଡିଓ, ତହସିଲଦାର, ସହକାରୀ ଅଗ୍ନିଶମ ଅଧିକାରୀ, ସହକାରୀ କମାଣ୍ଡାଣ୍ଟ ଅଷ୍ଟମ ବାଟାଲିୟନ (ଓଡ୍ରାଫ) ପ୍ରଫୁଲ୍ଲ ସିଂ, ଜିଲା ପ୍ରକଳ୍ପ ଅଧିକାରୀ ଓସ୍‌ଡମା ଅବନୀ କାନ୍ତ ଭୂୟାଁ, ଜିଲା ସଂଯୋଜକ (ଓସ୍‌ଡମା) ଜୀବନ କୁମାର ଛିଞ୍ଚଣୀ ପ୍ରମୁଖ ଉପସ୍ଥିତ ଥିଲେ ।



ଏଡିଏମ୍ ଓ ଅନ୍ୟମାନେ ।

### ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦ

# ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଆସିକା, ୧୫।୧୦ (ଡି.ଏନ୍.ଏ.)**

ଚଳିତ ମାସ ୩୦ ତାରିଖରେ ହେବାକୁ ଥିବା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ସଦସ୍ୟ ଲାଗି ଶନିବାର ଦିନ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ସମୁଦାୟ ୧୫ ଜୋନରୁ ୮ ଜୋନରେ ପ୍ରାର୍ଥି ଅପ୍ରତିଦ୍ୱନ୍ଦି ରହିଥିଲା ବେଳେ ୬ଟି ଜୋନ ଲାଗି ୧୩ ପ୍ରାର୍ଥି ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଅପ୍ରତିଦ୍ୱନ୍ଦି ପ୍ରାର୍ଥଙ୍କ ମଧ୍ୟରେ ଆସିକା ୨ ନମ୍ବର ଜୋନରୁ ପ୍ରମୋଦ କୁମାର ସ୍ୱାଇଁ, ଶେରଗଡ ୩ନଂ ଜୋନରୁ ଜ୍ୟୋତ୍ସ୍ନା ଗୌଡ଼, ଧରାକୋଟ ୬ନଂ ଜୋନରୁ ବିପିନ ବିହାରୀ ସ୍ୱାଇଁ, ସୋରଡ଼ା ୭ ନଂ ଜୋନରୁ ବସନ୍ତ କୁମାର ସ୍ୱାଇଁ, ଜଗନ୍ନାଥପ୍ରସାଦ ୧୦ ନଂ ଜୋନରୁ ଜ୍ୟୋତିପ୍ରଭା ବାରିକ, ପୋଲସରା ୧୩ ନଂ ଜୋନରୁ ରଞ୍ଜନ କୁମାର ସାହୁ, ପୁରୁଷୋମପୁର ୧୪ ନଂ ଜୋନରୁ ହୃଷିକେଶ ମେହେଣା ଏବଂ କବିସୂର୍ଯ୍ୟନଗର ୧୫ ନଂ ଜୋନରୁ ମଙ୍ଗୁଳୁଧର ସାହୁ ଅଛନ୍ତି। ସେହିଭଳି ପ୍ରତିଦ୍ୱନ୍ଦିତାରେ ଥିବା ୬ଟି ଜୋନ ମଧ୍ୟରୁ ଆସିକା ୧ ନଂ ଜୋନରେ ତନୁଲତା ବିଷୋୟୀ ଓ ସୁଷମା ନାହାକ, ସାନଖେମୁଣ୍ଡି ୪ ନଂ ଜୋନରେ ଅଶୋକ କୁମାର ସାବତ, ନାର୍ଣ୍ଣୁ ପ୍ରଧାନ, ସୁଶୀଳ କୁମାର ଦଳାଇ, ଦିଗପହଣ୍ଡି ଓ ସାନଖେମୁଣ୍ଡି ୫ ନଂ ଜୋନରେ ଗଙ୍ଗାଧର ପାତ୍ର ଓ ଗୋପିନାଥ ମହାଙ୍କୁଡ, ଭଞ୍ଜନଗର ୮ ନଂ ଜୋନରେ ବିପ୍ର ସେଠୀ ଓ କେଳା ନାଇକ, ବେଲଗୁଣ୍ଠା ୧୦ ନଂ ଜୋନରେ ସୁମନ୍ତ କୁମାର ବିଷୋୟୀ ଓ କେ. କୃଷ୍ଣମୂର୍ତ୍ତି ପାତ୍ର ଏବଂ ବୁଗୁଡା ୧୨ ନଂ ଜୋନରେ ନନ୍ଦିନୀ ଭୂୟାଁ ଓ ନର୍ମଦା ପରିଡା ରହିଥିବା ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କର ଜଗନ୍ନାଥପ୍ରସାଦ ୧୧ ନଂ ଜୋନର ଅପ୍ରତିଦ୍ୱନ୍ଦୀ ପ୍ରାର୍ଥି ତଥା ଏହି ବ୍ୟାଙ୍କର ପୂର୍ବତନ ସଭାପତି ବିରେନ୍ଦ୍ର କେଶରୀ ଆରୁଖଙ୍କ ନାମାଙ୍କନ ଉପରେ ଆସିଥିବା ଆପତ୍ତି ଅଭିଯୋଗକୁ ଭିତ୍ତି କରି ନାମାଙ୍କନ ଖାରଜ ହୋଇଥିଲା ।

### ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣା

# ହତ୍ୟା ଅଭିଯୋଗ କଲେ ଭାଇ

**ଦାରିଙ୍ଗବାଡି,୧୫।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ଥାନା ବୁଡାଙ୍ଗପିପିଲି ଜଙ୍ଗଲରୁ ଶୁକ୍ରବାର ପୋଲିସ ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ଶନିବାର ମୃତକଙ୍କ ବଡ଼ଭାଇ ଅଭିଯୋଗ ଆଣିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୮୩/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୂର୍ବରୁ ମହିଳାଙ୍କ ସ୍ୱାମୀ ପ୍ରକାଶ ପ୍ରଧାନ ତାଙ୍କ ସ୍ତ୍ରୀ ସୁମିତ୍ରା ନିରୁଦ୍ଦିଷ୍ଟ ହୋଇଛନ୍ତି ବୋଲି ଅଭିଯୋଗ କରିଥିବା ବେଳେ ଖୋଦ ସେ ହିଁ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏଥିସହ ସୁମିତ୍ରାଙ୍କୁ ବିବାହ ପରଠାରୁ ଅଧିକ ଯୌତୁକ ଦାବି କରିବା ସହ ମଦ ପିଇ ସବୁବେଳେ ନିର୍ଯାତନା ଦେଉଥିବା ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ପ୍ରକାଶଙ୍କୁ ପଚରାଉଚରା ଚଳାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ସେହିପରି ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମର ଯାଞ୍ଚକୁ ନେଇ ସୁମିତ୍ରାଙ୍କ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି।

# ଛାତ୍ରଙ୍କୁ ମିଳିଲା ବିଜୁବାବୁଙ୍କ ସମ୍ପର୍କିତ ବହି

**ପ୍ରତିଶ୍ରୁତି ପୂରଣ କଲେ ୫-ଟି ସଚିବ**

**ଛତ୍ରପୁର,୧୫।୧୦(ଡି.ଏନ୍.ଏ.)**

ଭିଡିଓ କନଫରେନ୍ସରେ ଯେତେବେଳେ ୫-ଟି ସଚିବ ଭି.କେ.ପାଣ୍ଡିଆନ ମଙ୍ଗଳବାର ଛାତ୍ରୀଛାତ୍ରଙ୍କଠାରୁ ସେମାନଙ୍କ ଭବିଷ୍ୟତର ଲକ୍ଷ୍ୟ ବିଷୟରେ ବୁଝିଥିଲେ ସେତେବେଳେ ଚିକିଟି ବ୍ଲକ ପାତିସୁନାପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଏସ୍.ଭାସ୍କର ଉତ୍ତର ଦେଇଥିଲେ ଯେ, ସେ ବଡ଼ ହୋଇ ଜଣେ ପାଇଲଟ ହେବାର ଆଗ୍ରହ ରଖିଛନ୍ତି। କେବଳ ସେତିକି ନୁହେଁ ଯେତେବେଳେ ପାଣ୍ଡିଆନ ଆମ ରାଜ୍ୟର କିମ୍ବଦନ୍ତୀ ବୈମାନିକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପାଇଲଟ ଜୀବନ ଉପରେ ପଚାରିଥିଲେ ସେତେବେଳେ ଭାସ୍କର ଠିକ୍ ଉତ୍ତର ରଖିଥିଲେ। ଏଥିରେ ବେଶ ଖୁସି ବ୍ୟକ୍ତ କରିଥିଲେ ୫-ଟି ସଚିବ। ଛାତ୍ର ଜଣଙ୍କର ସ୍ୱପ୍ନ ତଥା ଲକ୍ଷ୍ୟ ପୂରଣ ପାଇଁ ସେ ଶୁଭେଚ୍ଛା ଜଣାଇଥିଲେ। ଆହୁରି ମଧ ଛାତ୍ରଙ୍କୁ ଉତ୍ସାହିତ କରିବାକୁ ବିଜୁବାବୁଙ୍କ ଜୀବନ ସମ୍ପର୍କିତ କିଛି ପୁସ୍ତକ ଜିଲାପାଳଙ୍କ ଜରିଆରେ ତାଙ୍କ ପାଖକୁ ପଠାଇବେ ବୋଲି ମଧ ପ୍ରତିଶ୍ରୁତି ଦେଇଥିଲେ । ଛତ୍ରପୁରଠାରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଉକ୍ତ ଛାତ୍ର ଜଣଙ୍କୁ ସଚିବ ପାଣ୍ଡିଆନ ପଠାଇଥିବା ବିଜୁବାବୁଙ୍କ ଜୀବନ ସମ୍ପର୍କିତ ପୁସ୍ତକ (ଦ ଆଡଭେଞ୍ଚରସ ଅଫ ଦି ଡେର୍ ଡେଭିଲ ଡେମୋକ୍ରାଟ) ପ୍ରଦାନ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ପୁସ୍ତକକୁ ପଢ଼ି ସେଥିରୁ ପ୍ରେରଣା ଗ୍ରହଣ କରିବାକୁ ପାଣ୍ଡିଆନ ପରାମର୍ଶ ଦେଇଥିଲେ । ଏହି ବହିରେ ବିଜୁବାବୁଙ୍କ ଜୀବନ, ତାଙ୍କ ପ୍ରେରଣାଦାୟୀ ମହାନ କାର୍ଯ୍ୟ, ପାଇଲଟ ଭାବେ ତାଙ୍କ ଭୂମିକା ଆଦି ବର୍ଣ୍ଣିତ ରହିଛି। ବହିଟି ପାଇବା ପରେ ଏସ.ଭାସ୍କର, ତାଙ୍କ ପିତାମାତା, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀମାନେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ୧୧ ତାରିଖରେ ଗଞ୍ଜାମ ଜିଲାରେ ତୃତୀୟ ପର୍ଯ୍ୟାୟ ୫-ଟି ହାଇସ୍କୁଲ ରୂପାନ୍ତରଣ ସମ୍ପର୍କରେ ଭିଡିଓ କନଫରେନ୍ସରେ ବିଭିନ୍ନ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କୁଲ କମିଟି କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି, ଶିକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସକଙ୍କ ସହ ୫-ଟି ସଚିବ ସଚିବ ଭି.କେ. ପାଣ୍ଡିଆନ ଆଲୋଚନା କରିଥିଲେ।




ଜିଲାପାଳ ବହି ପ୍ରଦାନ କରୁଛନ୍ତି।

# ବିଜେଡିର ପଦଯାତ୍ରା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ବିଜେଡି କର୍ମକର୍ତ୍ତା ।

**ଆର.ଉଦୟଗିରି,୧୫।୧୦(ଡି.ଏନ.ଏ.)**

ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରୋଟି ବ୍ଲକ ନୂଆଗଡ଼, ରାୟଗଡ, ଆର.ଉଦୟଗିରି ଓ ମୋହନା ବ୍ଲକର ଶତାଧିକ କର୍ମୀ, ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ଜିଲା ପରିଷଦ ସଭ୍ୟା ସଭ୍ୟ, ବ୍ଲକ ଅଧକ୍ଷ, ପର୍ଯ୍ୟବେକ୍ଷକ, ଏମ୍‌ପି ପ୍ରତିନିଧି, ବିଜୁ ଛାତ୍ର, ମହିଳା, ଯୁବକ ଏବଂ ବ୍ଲକ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସର ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଅଧକ୍ଷତା କରିଥିବା ବେଳେ ମୋହନା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଏମ୍. ଜଗଦୀଶ ରାଓ ଉପସ୍ଥିତ ଥିଲେ। ଏହି ପ୍ରସ୍ତୁତି ବୈଠକରେ ଏମ୍‌ପି ପ୍ରତିନିଧ ଜଗବନ୍ଧୁ ଦାସ, ଆର. ଉଦୟଗିରି ବ୍ଲକ ସଭାପତି ଭୀମ ପାଇକ, ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଆର. ଉଦୟଗିରି ଜିଲା ପରିଷଦ ସଭ୍ୟା ଜେମ୍ସ ରାଇକା, ଦଣ୍ଡାସି ସାହୁ, ନର୍ମଦା ଦଳାଇ, ଝୁମୁରି ବୀର, ଜିଲା ମହିଳା ସଭାପତି ପୂର୍ଣ୍ଣବାସୀ ନାୟକ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଏସଡିସି ଉପାଧକ୍ଷ ଧନେଶ୍ୱର ଭୂୟାଁ, ଚନ୍ଦ୍ର କୁମାର ମଲ୍ଲିକ, ସୁନୀଲ ବିଶୋଇଙ୍କ ସମେତ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ପଦଯାତ୍ରା ସମ୍ପର୍କରେ ଆଲୋଚନା ହୋଇଥିଲା।

### ସ୍ୱଚ୍ଛତା ନେଇ ବୈଠକ

ଶେରଗଡ,୧୫।୧୦(ଡି.ଏନ.ଏ.)- ଶେରଗଡ ଗ୍ରାମ ସ୍ୱଚ୍ଛତା ନେଇ ଶନିବାର ବିଡିଓ ଶିବାଶିଶ ବରାଳଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ରଞ୍ଜିତା ବେହେରାଙ୍କ ସଭାପତିତ୍ୱରେ ବିଡିଓ, ସମିତିସଭ୍ୟା ସବିତାରଣୀ ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ଉପସ୍ଥିତରେ ଶେରଗଡକୁ ସଚ୍ଛତା କ୍ଷେତ୍ରରେ ଆଗେଇ ନେବାକୁ ବିଭିନ୍ନ ରଣ ନୀତି ସମ୍ପର୍କରେ ଆଲୋଚନା କରାଯାଇଛି।

# ନୀତି ଆୟୋଗ ଅର୍ଥର ସୁବିଧା ପାଇବାରୁ ବଞ୍ଚିତ ୨ ବ୍ଲକ

**ଆର.ଉଦୟଗିରି,୧୫।୧୦(ଡି.ଏନ.ଏ.)**

ଗଜପତି ଜିଲାର ଉନ୍ନତି ନିମନ୍ତେ ଆସିଥିବା ଅନୁଦାନ ରାଶିରୁ ଆର.ଉଦୟଗିରି ଓ ନୂଆଗଡ ବ୍ଲକ ବାଦ୍ ପଡିଛି। ଏ ନେଇ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ଆର.ଉଦୟଗିରି ଯୁବକ ସଂଘ ଓ ଅଞ୍ଚଳବାସୀ ସଂଘଠିତ ହୋଇ ଏହାର ଦୃଢ଼ ନିନ୍ଦା କରିଥିବା ଦେଖିବାକୁ ମିଳିଛି। ଜିଲାକୁ ୧୦କୋଟି ୬୦ ଲକ୍ଷ ୧୦ହଜାର ଟଙ୍କା ଆସିଥିବା ବେଳେ ନୂଆଗଡ଼ ଓ ଆର. ଉଦୟଗିରି ବ୍ଲକ ବାଦ୍ ପଡିଲା କିଭଳି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଗୁରୁବାର ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଗଜପତି ଜିଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଆର.ଉଦୟଗିରି ଯୁବଗୋଷ୍ଠୀ ଓ ଅଞ୍ଚଳବାସୀ। ବୈମାତୃକ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ଓ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦେଇଛନ୍ତି ଜନସାଧାରଣ।

# ବିଭିନ୍ନ ସ୍ଥାନରେ ବିଜେଡିର ପଦଯାତ୍ରା

**ଭଞ୍ଜନଗର/ଗଞ୍ଜାମ/ଧରାକୋଟ/ ଆସିକା,୧୫।୧୦(ଡି.ଏନ୍.ଏ)**

ଭଞ୍ଜନଗର ଏନ୍‌ଏସିରେ ଶନିବାର ବିଜେଡି ପକ୍ଷରୁ ପଦଯାତ୍ରା ହୋଇଥିଲା। ଠାକୁରାଣୀ ମନ୍ଦିରରୁ ପଦଯାତ୍ରା ଆରମ୍ଭ ହୋଇ ଏନ୍‌ଏସିର ୮ଟି ୱାର୍ ପରିକ୍ରମା କରିବା ପରେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ପଦଯାତ୍ରା ସାରିଥିଲା। ଏହି ସମୟରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ନରିସଭା ନାୟକ, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଶୋଇ, ନଗର ଯୁବ ବିଜେଡି ସଭାପତି ସୁଧୀର ବେହେରା, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ସାମାଜିକ କର୍ମୀ ଶୂଳପାଣି ଶତପଥୀ, ଏନ୍‌ଏସି ଉପାଧକ୍ଷା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଏନ୍‌ଏସିରେ ବିଜେଡି ତାର ଜନସମ୍ପର୍କ ପଦଯାତ୍ରାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସାମିଲ ହୋଇ ଏହାର ଶୁଭାରମ୍ଭ କରିଥିଲେ। ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଓ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ (ସିଲୁ)ଙ୍କ ନେତୃତ୍ୱରେ ପୂର୍ବତନ ଗଞ୍ଜାମ ଏନ୍‌ଏସି ଅଧକ୍ଷା ଉର୍ମିଳା ପଲାଇ, ପୂର୍ବତନ ଉପାଧକ୍ଷ ନୀଳାଞ୍ଚଳ ବାରିକି, ୧୫ ନଂ. ଜିଲାପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ୧୦ ନଂ. ୱାର୍ଡ ମହିଳା କାଉନସିଲର ସୁଜାତା କୁମାରୀ ମହାନ୍ତି, ଜିଲା ବିଜେଡି ଛାତ୍ର ସଭାପତି ପ୍ରଶାନ୍ତ ପଣ୍ଡା, ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହନ ପ୍ରମୁଖ ସାମିଲ ଥିଲେ। ଧରାକୋଟ ବ୍ଲକର ୩୦ ନମ୍ବର ଜୋନ ଅନ୍ତର୍ଗତ ମାଣିକ୍ୟପୁର ଓ ମଛାକୋଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ବିଜେଡି ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ରଙ୍କ ସଂଯୋଜନାରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଜିଲା ପରିଷଦ ସଭ୍ୟ ଚୁକୁନା ଗୌଡ଼, ମାଣିକ୍ୟପୁର ସରପଞ୍ଚ ଉର୍ବଶୀ ବିଷୋୟୀ, ମଛାକୋଟ ସରପଞ୍ଚ ମଙ୍ଗଲୁ ପାତ୍ର, ବରିଷ୍ଠ ବିଜେଡି ନେତା ସନ୍ତୋଷ ପ୍ରଧାନ, କୃଷ୍ଣ ଚନ୍ଦ୍ର ଛାଟୋଇ, ଶାନ୍ତନୁ ବିଷୋୟୀ, ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଆସିକା: ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ବ୍ଲକର ବାଲିସିରା ଓ ଗୁଣ୍ଡପଡା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଲିସିରା ପଞ୍ଚାୟତର ସାପୁଆପଲ୍ଲୀ, ଲଣ୍ଡାଜୁଆଳି, ବାଲିସିରା ଏବଂ ଗୁଣ୍ଡପଡା ପଞ୍ଚାୟତର ସୁମନ୍ତପଲ୍ଲୀ, ଜଗଦଳପୁର, ଖଣ୍ଡବନ୍ଧ, ରାଇପଲ୍ଲୀ, ଗୁଣ୍ଡପଡା ଆଦି ଗ୍ରାମ ପରିକ୍ରମା କରିଥିଲା । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଅନିମା ପରିଡା, ସଂଗୀତା ସ୍ୱାଇଁ, ଯୁବନେତା ଶିବ ନାହାକ, ଦିଲ୍ଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ବିଦ୍ୟାନ୍ତ ଚର୍ଚ୍ଚି ପ୍ରମୁଖ ସାମିଲ ଥିଲେ।



ଆସିକାଠାରେ ପଦଯାତ୍ରାରେ ଦଳୀୟ କର୍ମୀଙ୍କ ଗହଣରେ ବିଧାୟିକା ।

# ମଦ ବନ୍ଦ ଦାବିରେ ମହିଳା ସଂଘର ଶୋଭାଯାତ୍ରା

**ଫୁଲବାଣୀ ଅଫିସ/ଟିକାବାଲି, ୧୫।୧୦**

ଟିକାବାଲି ବ୍ଲକ ନାରୀ ସୁରକ୍ଷା ମହିଳା ମହାସଂଘ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ସବୁଠି ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଛି। ଏ ନେଇ ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଟିକାବାଲି ସହର ପରିକ୍ରମା କରିଛି। ବହୁ ସଂଖ୍ୟାରେ ମହିଳାମାନେ ଶୋଭାଯାତ୍ରାରେ ସାମିଲ ହୋଇ ମଦ ବିକ୍ରି ବନ୍ଦ କରିବା, ଗ୍ରାମରେ ଦେଶୀ ମଦ ଭାଟିକୁ ଭାଙ୍ଗି ଦେବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ମଦ ପିଇ ଆଜିର ଯୁବ ପିଢ଼ୀ ନଷ୍ଟ। ଗ୍ରାମରେ ଲୋକମାନେ ଆର୍ଥିକ ସ୍ୱଚ୍ଛଳ ନୁହନ୍ତି। ଦିନ ମଜୁରୀ କରି ଯାହା ରୋଜଗାର କରୁଛନ୍ତି, ତାହାକୁ ମଦ ପିଇ ସାରି ଦେଉଛନ୍ତି। ଫଳରେ ଘରେ ଅଶାନ୍ତି ସୃଷ୍ଟି ହେବା ସହ ମାରପିଟ ହେଉଛି। ଅବକାରୀ କି ପୋଲିସ କେହି ମଦ କାରବାରକୁ ଧରୁ ନାହାନ୍ତି। ଗାଁ ଗାଁରେ ମଦର ପସରା। ଏଥିଯୋଗୁ ବହୁ ସଂସାର ଉଜୁଡି ଗଲାଣି। ଅନେକ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପଡିଲେଣି । ସରକାର ଗୋଟିଏ ପଟେ ଏସ୍‌ଏଚ୍‌ଜିଙ୍କୁ ଲୋନ ଦେଉଥିବା ବେଳେ ଅନ୍ୟପଟେ ମଦ ବିକ୍ରି କରି ପରିବାର ଛାରଖାର କରୁଛନ୍ତି। ଟିକାବାଲିରେ ଏକ ସୁସ୍ଥ ସମାଜ ଗଠନ ଆମେ ଚାହୁଁ ବୋଲି ମହାସଂଘ ସମ୍ପାଦିକା ରତ୍ନାବତୀ ବେହେରା ପ୍ରକାଶ କରିଛନ୍ତି।




ମହିଳାମାନେ ବ୍ଲକ ସମ୍ମୁଖରେ ଶୋଭାଯାତ୍ରାରେ ଯାଉଛନ୍ତି ।

